# ଏକକ ୧୬: କର୍ମ ଶିକ୍ଷାରେ ମୂଲ୍ୟାୟନ



ଟିପ୍ପଣୀ

ସଂରଚନା

୧୬.୦ ଉପକ୍ରମ

୧୬.୧ ଶିକ୍ଷଣ ଉଦ୍ଦେଶ୍ୟ

୧୬.୨. ମୂଲ୍ୟାୟନ କ'ଣ

୧୬.୩. ମୂଲ୍ୟାୟନର ଉପକରଣ ଓ ପଦ୍ଧତି

୧୬.୪. ଆକଳନରେ ସହପାଠୀଙ୍କ ଭୂମିକା

୧୬.୫. ଆକଳନରେ ପିତାମାତାଙ୍କ ଭୂମିକା

୧୬.୬. ପିତାମାତା ଓ ଛାତ୍ରଛାତ୍ରୀଙ୍କୁ ପ୍ରଗତି ପତ୍ର ପ୍ରଦାନ କରାଯିବ କିପରି

୧୬.୭. ସାରାଂଶ

୧୬.୮. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୬.୯. ପାଠାନ୍ତ ପ୍ରଶ୍ନାବଳୀ

## ୧୬.୦ ଉପକ୍ରମ

ଔପଚାରିକ ଶିକ୍ଷା ହେଉ ବା ଅନୌପଚାରିକ ଶିକ୍ଷା ଉଭୟ ବ୍ୟବସ୍ଥାରେ ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟକ୍ରମ ସମେତ ଆଉ ଏକ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ; ତାହା ହେଲା ପରୀକ୍ଷା- ଅର୍ଥାତ୍ ଆକଳନ ଓ ମୂଲ୍ୟାୟନର ପ୍ରକ୍ରିୟା । ମୂଲ୍ୟାୟନ ପ୍ରକ୍ରିୟା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା, ଶିକ୍ଷକ, ଛାତ୍ରଛାତ୍ରୀଙ୍କ ସମୟ ନିର୍ଘଣ୍ଟ ଇତ୍ୟାଦି କାରକ ପରୀକ୍ଷା ତାରିଖ ଓ ପ୍ରକାର ବିଶେଷତଃ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁସାରେ ସହଜରେ ଅନୁମାନ କରାଯାଇପାରେ । ପରୀକ୍ଷାର ପ୍ରକାର ବିଷୟରେ ତୁମେ ଜାଣିବାକୁ ଚାହୁଁଛ କି ?

ଏହି ଏକକରେ ମୂଲ୍ୟନିର୍ଦ୍ଧାରଣ ଓ ମୂଲ୍ୟାୟନ ଅବଧାରଣାର ବିଭକ୍ତିକରଣ କରାଯାଇଛି ଏବଂ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଚିହ୍ନଟ କରାଯାଇଛି । ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ସ୍ତରରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ପ୍ରକ୍ରିୟା ବର୍ଣ୍ଣିତ ହୋଇଛି । ଆକଳନ ଓ ମୂଲ୍ୟାୟନ ପାଇଁ କେଉଁ ଉପକରଣ ଆବଶ୍ୟକ ଏବଂ ସେଗୁଡ଼ିକୁ ବ୍ୟବହାର କରିବା ସମୟରେ କେଉଁ ପ୍ରତିକାର ବ୍ୟବସ୍ଥାକୁ ଧ୍ୟାନରେ ରଖିବାକୁ ପଡ଼ିବ ମଧ୍ୟ ଏହି ଏକକରେ ସ୍ଥାନିତ ହୋଇଛି । ଏହି ଏକକ ଜରିଆରେ ତୁମେ ମଧ୍ୟ ପର୍ଯ୍ୟବେକ୍ଷଣ ଆଧାରରେ କିପରି ବିଦ୍ୟାର୍ଥୀଙ୍କ ପ୍ରଗତିର ମୂଲ୍ୟାୟନ ଓ ନମ୍ବର ଲିପିବଦ୍ଧ କରିପାରିବ ଜାଣିବ । ତୁମେ ଜାଣିଛ ଯେ ଶିକ୍ଷକଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ଆକଳନ ଓ ମୂଲ୍ୟାୟନ ପାଇଁ ପର୍ଯ୍ୟାପ୍ତ ନୁହେଁ । ତେଣୁ ସହପାଠୀ, ପିତାମାତା ଓ ନିଜର ଭୂମିକାର ମହତ୍ୱ ମଧ୍ୟ ବର୍ଣ୍ଣନା କରାଯାଇଛି । ମୂଲ୍ୟାୟନ ସମ୍ପର୍କିତ ସମସ୍ତ କାରକକୁ ଏହି ଏକକରେ ଆଲୋଚନା କରାଯାଇଛି ।

## ୧୬.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ କରିବା ପରେ ତୁମେ ସକ୍ଷମ ହୋଇପାରିବ-

୧-ଶୈକ୍ଷିକ ପ୍ରକ୍ରିୟାରେ ମୂଲ୍ୟାୟନର ଗୁରୁତ୍ୱ ସହ ପରିଚିତ ହେବା

୨-ଆକଳନ ଓ ମୂଲ୍ୟାୟନ ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ କରିବା

ଟିପ୍ପଣୀ

୩-ମୂଲ୍ୟାୟନର ଆବଶ୍ୟକ ସାଧନୀ ଓ କୌଶଳ ଚିହ୍ନଟ କରିବାରେ ସମର୍ଥ ହେବା

୪- କର୍ମ ଶିକ୍ଷାରେ ବିଭିନ୍ନ ପ୍ରକାର ମୂଲ୍ୟାୟନ ପ୍ରକ୍ରିୟାକୁ ବୁଝିବା

୫- ପର୍ଯ୍ୟବେକ୍ଷଣ ଆଧାରରେ ମୂଲ୍ୟାୟନ ପ୍ରକ୍ରିୟାକୁ ବୁଝିବାରେ ସମର୍ଥ ହେବା

୬-ମୂଲ୍ୟାୟନ ପ୍ରକ୍ରିୟା ସହ ଜଡ଼ିତ ସମସ୍ତ ଅଂଶୀଦାର (ସହପାଠୀ, ପିତାମାତା ଏବଂ ନିଜେ)ଙ୍କ ଭୂମିକା ବର୍ଣ୍ଣନା

## ୧୬.୨ ମୂଲ୍ୟାୟନ କ'ଣ ?

ମୂଲ୍ୟାୟନ ଅର୍ଥ କେତେକ ପ୍ରକ୍ରିୟା ବା ବସ୍ତୁର ମୂଲ୍ୟ ନିର୍ଦ୍ଧାରଣ କରିବା । ଶୈକ୍ଷିକ ଦୃଷ୍ଟିକୋଣରୁ , ମୂଲ୍ୟାୟନ ଅର୍ଥ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରୁ ସୃଷ୍ଟି ହୋଇଥିବା ଅଭିଜ୍ଞତାର ବିନିଯୋଗ ବିଷୟରେ ନିଷ୍ପତ୍ତି ଜଣାଇବା । ମୂଲ୍ୟାୟନ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ମୂଲ୍ୟାୟନ ପ୍ରକ୍ରିୟା ଉପଦେଶନ କାର୍ଯ୍ୟକୁ ସରଳ କରାଏ । କୌଣସି ଶିକ୍ଷାଦାନର ମୂଲ୍ୟ ବିଦ୍ୟାର୍ଥୀଙ୍କ ଆଚରଣରେ ହେଉଥିବା ପରିବର୍ତ୍ତନ ଏବଂ ଏହିସବୁ ପରିବର୍ତ୍ତନ କିପରି ଅଭିଳକ୍ଷିତ ଶୈକ୍ଷିକ ଉଦ୍ଦେଶ୍ୟ ଅନୁରୂପ ଆଧାରରେ ପରିମାପିତ ହୁଏ । ଶିକ୍ଷାଦାନ ଓ ମୂଲ୍ୟାୟନ ଏକ ସହ ଯାଇଥାନ୍ତି । ମୂଲ୍ୟାୟନ ଏକ ପ୍ରକ୍ରିୟା ଯେଉଁଥିରେ ସମସ୍ତ ଦିଗ ଯେମିତି ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଆନ୍ତଃ ନିର୍ଭରଶୀଳତା ଓ ଉତ୍ପାଦିକାର ଯାଞ୍ଚ କରାଯାଏ । ଏହା ଆଧାରରେ କେବଳ ଯେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଉପଲବ୍ଧି ଆଧାରରେ ପରଖାଯାଏ ତା' ନୁହେଁ, ଶିକ୍ଷକ, ଶିକ୍ଷାଦାନ ପଦ୍ଧତି, ପାଠ୍ୟ ପୁସ୍ତକ, ଅନ୍ୟାନ୍ୟ ଶୈକ୍ଷିକ ସମ୍ବଳ ତଥା ଗୋଷ୍ଠୀ ସହଯୋଗକୁ ମଧ୍ୟ ପରଖାଯାଇଥାଏ ଏବଂ ଶିକ୍ଷାର୍ଥୀଙ୍କ ଦୃଷ୍ଟିକୋଣରୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ମହତ୍ୱପୂର୍ଣ୍ଣ ତଥା ଉପଯୋଗୀ କରିବାକୁ ପଦକ୍ଷେପ ନିଆଯାଏ ।

ବିଦ୍ୟାର୍ଥୀମାନେ ଶୈକ୍ଷିକ ପ୍ରକ୍ରିୟାର କେନ୍ଦ୍ର ବିନ୍ଦୁ ଅଟନ୍ତି । ସେମାନଙ୍କ ଆବଶ୍ୟକତା, ଆଗ୍ରହ ଓ ଆଚରଣକୁ ଦୃଷ୍ଟିରେ ରଖି ଶିକ୍ଷା ଆୟୋଜିତ ହୋଇଥାଏ । ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ର ବିନ୍ଦୁ ବିଚାରକରି ଶିକ୍ଷକ ବିଷୟବସ୍ତୁ ପର୍ଯ୍ୟାଲୋଚନା ଓ ଉପସ୍ଥାପନ କରିଥାନ୍ତି । ଶିକ୍ଷାଦାନ ଜରିଆରେ ଏହି ଅଭିଜ୍ଞତା ବିଦ୍ୟାର୍ଥୀଙ୍କ ମଧ୍ୟରେ ସୃଷ୍ଟି କରାଯାଇଥାଏ ଯାହା ଆଚରଣରେ ଅଭିଳକ୍ଷିତ ପରିବର୍ତ୍ତନ ପାଇଁ ଉପଯୁକ୍ତ ଅଟେ । ଶିକ୍ଷାଦାନ ଏହି ମର୍ମରେ ଶିକ୍ଷାଦାନ କେତେ ଦରକାରୀ ଶୈକ୍ଷିକ ମୂଲ୍ୟାୟନ ସତ୍ୟତା ପ୍ରଦାନ କରିଥାଏ ।

**ହାନ୍ନା ଏବଂ କ୍ୱେଲେନ୍ଙ୍କ ଅନୁସାରେ**

ମୂଲ୍ୟାୟନ ବିଦ୍ୟାର୍ଥୀଙ୍କ ଆଚରଣରେ ହେଉଥିବା ପରିବର୍ତ୍ତନ ସଂକ୍ରାନ୍ତ ପ୍ରମାଣ ଏକତ୍ରିତ କରିବା ଏବଂ ଏହିସବୁର ବ୍ୟାଖ୍ୟାନ କରିବାର ପ୍ରକ୍ରିୟା ଅଟେ ।

ଉପର ଲିଖିତ ସଂଜ୍ଞା ଅଧ୍ୟୟନରୁ ଏହା ସୁସ୍ପଷ୍ଟ ଯେ ମୂଲ୍ୟାୟନ ଏକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ନିର୍ଣ୍ଣାୟକ ପ୍ରକ୍ରିୟା । ରୋଜ୍ ଓ ଷ୍ଟାଣ୍ଡ୍‌ବାଏଙ୍କ ଅନୁସାରେ, "ଏହି ନିଷ୍ପତ୍ତି ଶିକ୍ଷାର ପ୍ରତ୍ୟେକ ସ୍ତରରେ ରହିବା ଉଚିତ ।"

ମୂଲ୍ୟାୟନ ପ୍ରକ୍ରିୟା ଜରିଆରେ ନିମ୍ନଲିଖିତ ବିନ୍ଦୁ/ଉକ୍ତିଗୁଡ଼ିକୁ ଆଲୋଚନା କରାଯାଇପାରେ:

-ଶ୍ରେଣୀ ଓ ବିଦ୍ୟାଳୟରେ ଶିକ୍ଷଣ ପ୍ରକ୍ରିୟା ଜରିଆରେ ସୃଷ୍ଟ ଅଭିଜ୍ଞତାର କାର୍ଯ୍ୟକାରିତା

-ସ୍ଥିରୀକୃତ ଲକ୍ଷ୍ୟ ହାସଲର ସ୍ତର

-ଲକ୍ଷ୍ୟ ହାସଲ ପ୍ରକ୍ରିୟା

ଶୈକ୍ଷିକ ଉଦ୍ଦେଶ୍ୟ, ଶିକ୍ଷଣ ସୃଷ୍ଟ ଅଭିଜ୍ଞତା ଏବଂ ତଦନୁଯାୟୀ ହେଉଥିବା ଆଚରଣଗତ ପରିବର୍ତ୍ତନର ନିବିଡ଼ ସମ୍ପର୍କ ରହିଛି । ଛାତ୍ରଛାତ୍ରୀଙ୍କ ଜ୍ଞାନାତ୍ମକ, କ୍ରିୟାତ୍ମକ ଓ ଭାବାତ୍ମକ ପରିସରରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ପ୍ରକାର ଅଭିଜ୍ଞତାର ସ୍ଥିତି ସୃଷ୍ଟି କରାଯାଇଥାଏ; ଯାହା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଜରିଆରେ ସ୍ୱତନ୍ତ୍ର ଲକ୍ଷ୍ୟ ଆଡକୁ ନିର୍ଦ୍ଦେଶିତ କରିଥାଏ । ନିମ୍ନ ପ୍ରଦର୍ଶିତ ଚିତ୍ର ଆଧାରରେ ଏହି ଆନ୍ତଃ ବ୍ୟକ୍ତିଗତ ସମ୍ପର୍କକୁ ବୁଝାଯାଇ ପାରେ:



ଟିପ୍ପଣୀ

ଶିକ୍ଷଣ ଉଦ୍ଦେଶ୍ୟ

ଶିକ୍ଷଣ ଜରିଆରେ ଅଭିଜ୍ଞତା ହାସଲ ଓ ଶିକ୍ଷଣ ସ୍ଥିତି ସୃଷ୍ଟି | ଆଚରଣଗତ ପରିବର୍ତ୍ତନ

ଶିକ୍ଷଣ ପ୍ରକ୍ରିୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି କି ନାହିଁ ସେମାନଙ୍କ ଆଚରଣରୁ ଦୃଶ୍ୟମାନ ହୋଇଥାଏ । ସେମାନଙ୍କ ଚିନ୍ତନ ଶୈଳୀ, କାର୍ଯ୍ୟ ପାଇଁ ଇଚ୍ଛା, ଆଗ୍ରହ, ମନୋଭାବ ଇତ୍ୟାଦି ସବୁ ବ୍ୟବହାରଗତ ପରିବର୍ତ୍ତନର ଆଧାର ଯୋଗାଏ । ଏହି ପରିବର୍ତ୍ତନ କେବଳ ବାହ୍ୟ ନୁହେଁ, ଆନ୍ତଃପରିବର୍ତ୍ତନ ମଧ୍ୟ । ଛାତ୍ରଛାତ୍ରୀଙ୍କ ଅଭ୍ୟାସ, କାର୍ଯ୍ୟ ସମ୍ପାଦନ ତରିକା ଏବଂ ବ୍ୟବହାର ଇତ୍ୟାଦି ବାହ୍ୟ ପରିବର୍ତ୍ତନ ଅନ୍ତର୍ଭୁକ୍ତ ହୋଇଥିଲାବେଳେ ବିଦ୍ୟାର୍ଥୀଙ୍କ ଜ୍ଞାନ, ବୁଝିବା ଶକ୍ତି, ନିଷ୍ପତ୍ତି ଗ୍ରହଣ, ସୃଜନୀ ଏବଂ ଜଟିଳ ଚିନ୍ତନ ଆନ୍ତଃ ପରିବର୍ତ୍ତନ ଅନ୍ତର୍ଭୁକ୍ତ ।

## ୧୬.୨.୧ ଆକଳନ ଓ ମୂଲ୍ୟାୟନ

ଏହି ଏକକର ଆରମ୍ଭରୁ ଦୁଇଟି ଶବ୍ଦ ଆକଳନ ଓ ମୂଲ୍ୟାୟନ ମୁଖ୍ୟତଃ ବ୍ୟବହୃତ ହୋଇଛି । ତୁମେ ଏହି ଦୁଇ ଶବ୍ଦକୁ ଏକାର୍ଥବୋଧକ ଶବ୍ଦ ଭାବୁଛ କି ? ଯଦିଓ ସେମାନେ ସମାନ ଭାବ ପ୍ରକଟ କରନ୍ତି, ତଥାପି ସେମାନଙ୍କ ମଧ୍ୟରେ ପର୍ଯ୍ୟାପ୍ତ ପାର୍ଥକ୍ୟ ରହିଛି । ମୂଲ୍ୟାୟନ ଜଣେ ବ୍ୟକ୍ତିର ସମସ୍ତ ଚିନ୍ତନ, ଆଚରଣ, ଭାବନା, ଆଶା ଓ ବୁଝିବା ଶକ୍ତି ସହ ସମ୍ବନ୍ଧିତ ଥିଲାବେଳେ ଆକଳନ ଲିପିବଦ୍ଧ ଓ ପରିମାପ ଯୋଗ୍ୟ ଆଚରଣଗତ ପରିବର୍ତ୍ତନ ସହ ସମ୍ବନ୍ଧିତ । ଆକଳନରେ ଆମେ କେତେକ ନିର୍ଦ୍ଦିଷ୍ଟ କାରକକୁ ନିର୍ଦ୍ଦିଷ୍ଟ ସମୟରେ ଯାଞ୍ଚ କରିଥାଉ, ମାତ୍ର ମୂଲ୍ୟାୟନରେ ଆମେ ଭିନ୍ନଭିନ୍ନ କାରକ ଆଧାରରେ ଭିନ୍ନଭିନ୍ନ ସମୟରେ ନିରୂପଣ କରିଥାଉ ।

ଏହି ପ୍ରକାରେ ତୁମେ କହିପାରିବ ମୂଲ୍ୟାୟନ ଆକଳନ ତୁଳନାରେ ଅଧିକ ବ୍ୟାପକ । ଶୈକ୍ଷିକ ବିଶ୍ୱରେ ସାଧାରଣତଃ ମୂଲ୍ୟାୟନ ଓ ଆକଳନ ପ୍ରାୟତଃ ସମାନ ପ୍ରକ୍ରିୟା ପାଇଁ ବ୍ୟବହୃତ ହୋଇଥାଏ ।

**ନିଜ ଅଗ୍ରଗତି ଆକଳନ -୧**

୧-ମୂଲ୍ୟାୟନ କିପରି ଗୁରୁତ୍ୱପୂର୍ଣ୍ଣ ତୁମ ଦୈନନ୍ଦିନ ଜୀବନ ଆଧାରରେ ଉଲ୍ଲେଖ କର ?

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------------------

୨-ଆକଳନ ଓ ମୂଲ୍ୟାୟନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------------------

## ୧୬.୨.୨ ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ

ମୂଲ୍ୟାୟନ କର୍ମ ଶିକ୍ଷା କାର୍ଯ୍ୟକ୍ରମରେ ଅଭିପ୍ରେରଣର ଏକ ଶକ୍ତିଶାଳୀ ମାଧ୍ୟମ । ମୂଲ୍ୟାୟନ ପ୍ରକ୍ରିୟା ଏପରି ହେବା ଉଚିତ ଯେମିତି ପିଲାମାନେ କାର୍ଯ୍ୟ କରିବାକୁ, ଜ୍ଞାନ ଆହରଣ କରିବାକୁ ଏବଂ ପଢ଼ିବାକୁ ଶିକ୍ଷା କରିବେ । ସେମାନେ କର୍ମ ପ୍ରକ୍ରିୟା ସହ ଯୋଡ଼ିହେବାକୁ ପ୍ରୋତ୍ସାହିତ ହେବେ । ଏଠାରେ ମୂଲ୍ୟାୟନର ଉଦ୍ଦେଶ୍ୟ ହେଲା ଜଣେ ନିର୍ଦ୍ଦିଷ୍ଟ ପିଲାକୁ ବିଫଳ ବା ସଫଳ ବୋଲି ଘୋଷଣା କରିବା କିମ୍ବା ଉତ୍କୃଷ୍ଟ ବା ନିକୃଷ୍ଟ ଶ୍ରେଣୀ ଅଥବା ମୋଟାମୋଟି ଶ୍ରେଣୀଭୁକ୍ତ କରିବା ନୁହେଁ ବରଂ

ସେ କିପରି ଶିକ୍ଷା କରୁଛନ୍ତି ତାହା ତାଙ୍କୁ ସୂଚିତ କରାଇବା ଅଟେ । ଯେଉଁଠାରେ ସେ ଶିକ୍ଷଣ ପ୍ରକ୍ରିୟାକୁ ସୁଦୃଢ଼ କରିପାରିବ, ଯେଉଁଠାରେ ଏହାକୁ ଉନ୍ନତ କରିପାରିବ ଇତ୍ୟାଦି, ଯେହେତୁ କର୍ମ ଶିକ୍ଷା କାର୍ଯ୍ୟକ୍ରମ ଏପରି ଦରକାରୀ ଜୀବନ କୌଶଳ, ସମାଜ ଅନୁକୂଳ ଗୁଣ ଏବଂ ଆଗ୍ରହ, ମନୋଭାବକୁ ଗୁରୁତ୍ୱ ଦିଏ ଯାହା ଫଳରେ ସେ ଦ୍ରୁତ ପରିବର୍ତ୍ତନକୁ ସାମ୍ନା କରିବା, ସୃଜନାତ୍ମକ ଜୀବନ ଜୀଇଁବା ଏବଂ ଜଣେ ମଣିଷ ଭାବରେ ସମ୍ମାନ ଅନୁଭବ କରିପାରିବ ।

କାର୍ଯ୍ୟକୁ ମୂଲ୍ୟାୟନ ପାଇଁ ନମ୍ବର ତୁଳନାରେ ଗ୍ରେଡ୍ ପ୍ରଦାନ ଅଧିକ ପ୍ରଯୁଜ୍ୟ । ମୂଲ୍ୟାୟନ କାର୍ଯ୍ୟ ମଧ୍ୟ ବିଷୟ ଶିକ୍ଷକଙ୍କ ଦ୍ୱାରା ଆଭ୍ୟନ୍ତରୀଣ ଭାବରେ କରାଯିବା ଉଚିତ । ବିଷୟ ଶିକ୍ଷକ ମୂଲ୍ୟାୟନ ପ୍ରକ୍ରିୟା ସମୟରେ ଅନ୍ୟ ଶିକ୍ଷକ, କର୍ମଚାରୀ ଓ ଗୋଷ୍ଠୀର ମତାମତକୁ ଧ୍ୟାନରେ ରଖିବେ । ମୂଲ୍ୟାୟନର ମୁଖ୍ୟ ବିନ୍ଦୁ/ଉକ୍ତିଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:-

- ମୂଲ୍ୟାୟନ ଫଳାଫଳ ପିଲାର ପ୍ରଗତି ପତ୍ରରେ ପ୍ରଦର୍ଶିତ ହେବା ଉଚିତ
- ମୂଲ୍ୟାୟନ ପ୍ରକ୍ରିୟାରେ ତତ୍ତ୍ୱମୂଳକ ଓ ପ୍ରକ୍ରିୟାଗତ ଦିଗ ସମନ୍ୱିତ ହେବା ଆବଶ୍ୟକ; ମାତ୍ର ପ୍ରକୃତ ଗୁରୁତ୍ୱ ବ୍ୟାବହାରିକ କାର୍ଯ୍ୟ ଉପରେ ଦିଆଯିବା ଉଚିତ ।
- ଜ୍ଞାନ ଓ କୌଶଳର ସମାନତାକୁ ଗୁରୁତ୍ୱ
- ମୂଲ୍ୟାୟନ ପ୍ରକ୍ରିୟା ଶିକ୍ଷଣ ପ୍ରକ୍ରିୟା ପରି ଆନନ୍ଦଦାୟକ ହେବା ଆବଶ୍ୟକ
- ମୂଲ୍ୟାୟନ ବିକାଶମୂଳକ ହେବା ଉଚିତ ଏବଂ ନିରନ୍ତରତା ଓ ବୋଧଗମ୍ୟତାକୁ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ
- କାର୍ଯ୍ୟକ୍ରମରେ ପିଲାର ଅଂଶଗ୍ରହଣ ପର୍ଯ୍ୟବେକ୍ଷଣ ମୂଲ୍ୟାୟନର ଆଧାର ହେବା ଆବଶ୍ୟକ । ପର୍ଯ୍ୟବେକ୍ଷଣ ସହିତ ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର କୌଶଳ ଆପଣାଯିବା ଉଚିତ ।
- କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀଙ୍କ ପାରଦର୍ଶିତା ନିର୍ଦ୍ଧାରଣ ନିମନ୍ତେ ମୂଲ୍ୟାୟନ କାରଣ ଓ ନିରାକରଣ ପ୍ରକୃତିର ହେବା ଉଚିତ ।
- ଆନ୍ତଃ ମୂଲ୍ୟାୟନ ବ୍ୟବସ୍ଥା ରହିଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ପରିପକ୍ୱତା ଆଧାରରେ ବାହ୍ୟ ମୂଲ୍ୟାୟନ କରାଯିବା ଉଚିତ । ଏହି ସ୍ଥିତିରେ ଏହା ଧ୍ୟାନରେ ରଖାଯିବା ଉଚିତ ଯେ ମୂଲ୍ୟାୟନକାରୀ ବିଦ୍ୟାଳୟର ଅବସ୍ଥା, ଛାତ୍ରଛାତ୍ରୀଙ୍କ ସାମାଜିକ ଅର୍ଥନୈତିକ ସ୍ଥିତି ଏବଂ କ୍ରିୟାକଳାପର ଉଦ୍ଦେଶ୍ୟ ବିଷୟରେ ପରିଚିତ ଥିବା ଆବଶ୍ୟକ ।
- ମୂଲ୍ୟାୟନର ଫଳାଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହତୋତ୍ସାହ ସୃଷ୍ଟି କରିବା ପରି ନୁହେଁ, ଅଭିମତ ପ୍ରଦାନ ପ୍ରକୃତିର ହେବା ଉଚିତ ।
- ବିଶେଷ ଧ୍ୟାନ ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମୂଲ୍ୟାୟନ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ଆବଶ୍ୟକ ହେଉଥିଲେ ସେମାନଙ୍କ ପ୍ରତି ଦୟା ବା ସହାନୁଭୂତି ଦେଖାଇବା ପରିବର୍ତ୍ତେ ସେମାନଙ୍କୁ ଅଭିପ୍ରେରିତ ଓ ପ୍ରୋତ୍ସାହିତ କରିବା ପାଇଁ ପରିବର୍ତ୍ତନ କରନ୍ତୁ ।
- ଆବଶ୍ୟକତା ଅନୁସାରେ ମୂଲ୍ୟାୟନ ପ୍ରକ୍ରିୟାରେ ଆଧୁନିକ କୌଶଳ ବ୍ୟବହାର ପାଇଁ ମୂଲ୍ୟାୟନକାରୀ ଦ୍ୱିଧାବୋଧ କରିବା ଅନୁଚିତ ।
- ସ୍ୱମୂଲ୍ୟାୟନ, ସହପାଠୀଙ୍କ ଜରିଆରେ ମୂଲ୍ୟାୟନ ଏବଂ ଦଳଗତ ମୂଲ୍ୟାୟନ/ମୂଲ୍ୟନିରୂପଣ(ବିଶେଷକରି ସମ୍ପର୍କରେ ଥିବା ପିତାମାତା ଓ ଲୋକ)କୁ ମୂଲ୍ୟାୟନ ପ୍ରକ୍ରିୟାର ଅଂଶବିଶେଷ କରାଯିବା ଉଚିତ ।
- ମୂଲ୍ୟାୟନର ବିଭିନ୍ନ ମାଧ୍ୟମ ମନ୍ଥର, ସ୍ୱାଭାବିକ ଓ ଦ୍ରୁତ ଶିକ୍ଷାର୍ଥୀଙ୍କ ପାଇଁ ଗ୍ରହଣ କରାଯିବା ଆବଶ୍ୟକ ।
- ଶେଷରେ, ଶିକ୍ଷାର୍ଥୀଙ୍କ କ୍ଷମତା, ସମ୍ବଳର ଉପଲବ୍ଧତା, ପ୍ରାରମ୍ଭିକ ଆଚରଣ, ବିଦ୍ୟାଳୟ ପରିବେଶ, ହାସଲଯୋଗ୍ୟ ଉଦ୍ଦେଶ୍ୟ, ପାଠ୍ୟଖସଡ଼ା ପ୍ରକୃତି ଏବଂ ଶିକ୍ଷକଙ୍କ ଦ୍ୱାରା ପ୍ରୋତ୍ସାହନକୁ ମୂଲ୍ୟାୟନ ସମୟରେ ଧ୍ୟାନରେ ରଖାଯିବା ଉଚିତ ।

ଟିପ୍ପଣୀ

## ନିଜ ଅଗ୍ରଗତି ଆକଳନ -୨

୧- କର୍ମ ଶିକ୍ଷାର ମୂଲ୍ୟାୟନଠାରୁ ଅନ୍ୟ ବିଷୟଗୁଡ଼ିକର ମୂଲ୍ୟାୟନ ପ୍ରକ୍ରିୟା କିପରି ଭିନ୍ନ ଉଦାହରଣ ସହ ତୁମ ଚିନ୍ତନ ବ୍ୟକ୍ତ କର ।

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------

## ୧୬.୩. ମୂଲ୍ୟାୟନର ପଦ୍ଧତି ଓ କୌଶଳ

ଶିକ୍ଷାର୍ଥୀଙ୍କ ବିକାଶ ଓ ପ୍ରଗତି ସଂକ୍ରାନ୍ତ ସୂଚନା ତୁମେ କିପରି ପ୍ରାପ୍ତ ହୁଅ କେବେ ଚିନ୍ତା କରିଛ କି ? ହୋଇପାରେ, ତୁମେ ଏସଂକ୍ରାନ୍ତରେ କେବେ ଚିନ୍ତା କରିନାହଁ, ମାତ୍ର ଜଣେ ଶିକ୍ଷକ ଭାବରେ ତୁମେ ତୁମ ଜୀବନରେ କେତେକ ପଦ୍ଧତି ନିଶ୍ଚୟ ବ୍ୟବହାର କରିଥିବ ।

**ଆକଳନର ପଦ୍ଧତି-**

ଆକଳନର ଚାରୋଟି ମୌଳିକ ପଦ୍ଧତି ରହିଛି । ସେଗୁଡ଼ିକ ହେଲା-

-ବ୍ୟକ୍ତିଗତ ଆକଳନ - ପିଲା ବ୍ୟକ୍ତିଗତ ଭାବେ କରିଥିବା କାର୍ଯ୍ୟକୁ ମନରେ ରଖି ଆକଳନ କରିବା ।

-ଦଳଗତ ଆକଳନ - ସମସ୍ତ ଛାତ୍ରଛାତ୍ରୀଙ୍କର କାର୍ଯ୍ୟ, ସେମାନଙ୍କ ଆଚରଣ ଓ ସହଯୋଗକୁ ଗୋଟିଏ ଦଳରେ ଆକଳନ କରିବ ।

-ସ୍ୱଆକଳନ -ନିଜ ଶିକ୍ଷଣ ସମ୍ପର୍କରେ ପିଲା ଦ୍ୱାରା ଆକଳନ

-ସହପାଠୀଙ୍କ ଦ୍ୱାରା ଆକଳନ (ସହପାଠୀ ଆକଳନ)-ପିଲାମାନେ ପରସ୍ପରର କାର୍ଯ୍ୟକୁ ଅନୁଧ୍ୟାନ କରନ୍ତି ଏବଂ ସମୟକୁ ସମୟ ସେମାନେ ଏହା ସମ୍ପର୍କରେ ପ୍ରତିପୁଷ୍ଟ ପ୍ରଦାନ କରନ୍ତି । ଆକଳନ ପ୍ରକ୍ରିୟାରେ ସହପାଠୀଙ୍କ ଦ୍ୱାରା ମୂଲ୍ୟାୟନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

**ଆକଳନର ସାଧନୀ ଏବଂ କୌଶଳ**

**ପର୍ଯ୍ୟବେକ୍ଷଣ**

**ସାକ୍ଷାତକାର**

**ତନଖି ତାଲିକା**

**ସଞ୍ଚୟୀ ବିବରଣ ପଞ୍ଜିକା**

**ପ୍ରଶ୍ନାବଳୀ**

**ଫଟୋ-ପୋର୍ଟଫଲିଓ (କୃତି ନମୁନା)**

**ପ୍ରକଳ୍ପ କାର୍ଯ୍ୟ**

**ପ୍ରତିଯୋଗିତା**

**କାର୍ଯ୍ୟକ୍ରମ**

**ଦଳଗତ କାର୍ଯ୍ୟ**

**ପରୀକ୍ଷା**

**ପ୍ରଶ୍ନ ମାଧ୍ୟମ**

**ତର୍କ**

**ବକ୍ତୃତା**

**ନିର୍ଦ୍ଧାରଣ ମାପକ**

**ଦତ୍ତ / ନ୍ୟସ୍ତ କାର୍ଯ୍ୟ**

**ଉପରେ ଦିଆଯାଇଥିବା ତାଲିକାକୁ ଲକ୍ଷ୍ୟ କେଲେ ତୁମେ ବୁଝି ପାରିବ ଯେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ବିଭିନ୍ନ ଭାବରେ କରାଯାଇ ପାରେ ଆସ, ଏବେ କେତେକ ପଦ୍ଧତି ଓ କୌଶଳ ସମ୍ପର୍କରେ ଆଲୋଚନା କରିବା ।**

## ୬.୩.୧ ପର୍ଯ୍ୟବେକ୍ଷଣ

ପର୍ଯ୍ୟବେକ୍ଷଣ ପିଲାମାନଙ୍କ ବିଷୟରେ ସୂଚନା ସଂଗ୍ରହ କରିବାର ସବୁଠାରୁ ଆଦୃତ ପଦ୍ଧତି । ପିଲାମାନଙ୍କୁ ସେମାନଙ୍କ ପ୍ରାକୃତିକ ପରିବେଷ୍ଟନୀରେ ପର୍ଯ୍ୟବେକ୍ଷଣ କରାଯିବା ଉଚିତ୍ । ବ୍ୟକ୍ତିତ୍ୱ ବିକାଶର ଏକାଧିକ ଦିଗ କେବଳ ପର୍ଯ୍ୟବେକ୍ଷଣ ଜରିଆରେ ନିରୀକ୍ଷଣ କରାଯାଇ ପାରିବ । କେବଳ ପର୍ଯ୍ୟବେକ୍ଷଣ ଯେକୌଣସି ସ୍ଥାନରେ ତଥା ଯେକୌଣସି ସମୟରେ କରାଯାଇ ପାରେ । ଏହା ବ୍ୟକ୍ତିଗତ ଭାବେ ବା ଦଳଗତ ଭାବରେ ମଧ୍ୟ କରାଯାଇପାରେ ।

### ନିଜ ଅଗ୍ରଗତି ଆକଳନ -୩

୧-ତୁମେ 'ବହି ବନ୍ଧେଇ' କର୍ମଶାଳାରେ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟବେକ୍ଷଣ କରୁଛ । ସେମାନଙ୍କୁ ପର୍ଯ୍ୟବେକ୍ଷଣ କରିବା ବେଳେ ତୁମେ କେଉଁ ଦିଗଗୁଡ଼ିକୁ ମନରେ ରଖିବ ? ଏହାର ଏକ ସବିଶେଷ ତାଲିକା ପ୍ରସ୍ତୁତ କର ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

## ୧୬.୩.୨ ସାକ୍ଷାତକାର

ତୁମେ ନିଶ୍ଚିତ ଅନେକ ସାକ୍ଷାତକାର ଦେଖିଥିବ କିମ୍ବା ପଢ଼ିଥିବ । ସାକ୍ଷାତକାର ଗ୍ରହଣ ଆଚରଣ, ମନୋଭାବ, ସଫଳତା, ଲକ୍ଷ୍ୟ ଏବଂ ସମସ୍ୟା ଆଦି ଜାଣିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ଅଟେ । ସାକ୍ଷାତକାର ପାଇଁ ଆଗୁଆ ପ୍ରସ୍ତୁତି ହେବା ଉଚିତ ଏବଂ ପ୍ରଶ୍ନାବଳୀ ଓ ଉଦ୍ଦେଶ୍ୟଗୁଡ଼ିକ ଚିହ୍ନଟ ହୋଇଥିବା ଆବଶ୍ୟକ । ପିଲାମାନଙ୍କ ପାଇଁ ସେମାନଙ୍କ ସହପାଠୀ ଏବଂ ସେମାନଙ୍କ ପିତାମାତାଙ୍କ ସାକ୍ଷାତକାର ମଧ୍ୟ ନିଆଯାଇ ପାରେ । ଏହି ଉପାୟରେ ପିଲାଙ୍କ ବିଷୟରେ ଅତିରିକ୍ତ ସୂଚନା ସଂଗ୍ରହ କରାଯାଇ ପାରିବ ।

## ୧୬.୩.୩ ତନଖି ତାଲିକା

ଗୋଟିଏ କାର୍ଯ୍ୟ/ଆଚରଣ ବିଷୟରେ ଟିପ୍ପଣୀକୁ ବ୍ୟବସ୍ଥିତଭାବେ ଲିପିବଦ୍ଧ କରିବାକୁ ତନଖି ତାଲିକା କହନ୍ତି । ଶିଶୁ ବ୍ୟକ୍ତିତ୍ୱର ଏକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିବାରେ ଏହା ସାହାଯ୍ୟ କରିଥାଏ ।

ତନଖି ତାଲିକା ସହଜରେ ଓ ଶୀଘ୍ର ବ୍ୟବହୃତ ହୋଇପାରେ । ଜଣେ ଛାତ୍ରର ପ୍ରତିକ୍ରିୟା ଓ ଉତ୍ତର ବିଷୟରେ ଜଣେ କେହି ଜାଣିପାରିବେ ନାହିଁ, ମାତ୍ର ତନଖି ତାଲିକାରେ ଏକ ମନ୍ତବ୍ୟ ସ୍ତମ୍ଭ ଯୋଡ଼ିଦେଲେ ସମସ୍ୟାର ଅନ୍ତ ଘଟିବ ।



ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ -୪**

୧- କର୍ମ ଶିକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମରେ ସେମାନଙ୍କ ଆଗ୍ରହ ସଂକ୍ରାନ୍ତ ସୂଚନା ପ୍ରାପ୍ତି ପାଇଁ ଏକ ତନଖି ତାଲିକା ପ୍ରସ୍ତୁତ କର ।

-----------------------------------------------------------------------------------

-----------------------------------------------------------------------------------

-----------------------------------------------------------------------------------

-----------------------------------------------------------------------------------

### ୧୬.୩.୪ ସଞ୍ଚୟୀ ବିବରଣ ପଞ୍ଜିକା

ଯଦି ତୁମେ ସଞ୍ଚୟୀ/ ବିବରଣ (କ୍ୟୁମୁଲେଟିଭ୍) ଓ ପଞ୍ଜିକା (ରେକର୍ଡ) ର ଅର୍ଥ ଜାଣିଥିବ ତେବେ ତୁବେ ସଞ୍ଚୟୀ ବବରଣୀ ପଞ୍ଜିକା ଅର୍ଥ ବୁଝି ପାରିବ । ଜଣେ ପିଲାର ଜୀବନରେ ସଂଘଟିତ ଗୁରୁତ୍ୱପୂର୍ଣ୍ଣ ଘଟଣାର ବର୍ଣ୍ଣନାତ୍ମକ ରେକର୍ଡ଼ ହେଲା ସଞ୍ଚୟୀ ବବରଣୀ ପଞ୍ଜିକା ।

ଏହିସବୁ ଘଟଣାବଳୀ ପର୍ଯ୍ୟବେକ୍ଷଣରୁ ଜାଣିହୁଏ । ଏହା ଜରିଆରେ ତୁମେ ପିଲାମାନଙ୍କର ସାମାଜିକ, ଆବେଗିକ, ପସନ୍ଦ, ଅପସନ୍ଦ ଏବଂ ସମ୍ପର୍କ ସମ୍ବନ୍ଧରେ ସୂଚନା ପାଇପାରିବ । ଜଣେ ପିଲାର ଜୀବନରେ ସଂଘଟିତ ଘଟଣାବଳୀ ଓ ତାଙ୍କ ଆଚରଣର କାରଣକୁ ସହଜରେ ଜାଣିହେବ ।

ତୁମ ନିଜ ଅଭିଜ୍ଞତାରୁ ତୁମେ ଜାଣିପାରିବ ଯେ ସଞ୍ଚୟୀ ବବରଣୀ ପଞ୍ଜିକା ସ୍କୁଲ ଦୃଷ୍ଟିରେ ଏକ କାର୍ଯ୍ୟଭାବେ ପ୍ରମାଣିତ । ଶ୍ରେଣୀରେ ସଂଘଟିତ ପ୍ରତ୍ୟେକ ଘଟଣାବଳୀର ରେକର୍ଡ଼ ପରିଚାଳନା କରିବା ଅସମ୍ଭବ ଅଟେ । ଏଣୁ ଅଳ୍ପ କେତେକ ଘଟଣା ଲିପିବଦ୍ଧ କରାଯାଇଥାଏ । ଘଟଣାର ପରେପରେ ତାହାକୁ ଲିପିବଦ୍ଧ କର; ଫଳରେ ଉପଯୁକ୍ତ ତଥ୍ୟ ଲିପିବଦ୍ଧ ହୋଇପାରିବ ।

### ୧୬.୩.୫ ପ୍ରଶ୍ନାବଳୀ

ପ୍ରଶ୍ନାବଳୀ କେତେକ ପ୍ରଶ୍ନର ତାଲିକା; ଯାହାକୁ ଛାତ୍ରଛାତ୍ରୀ ବା ଶିକ୍ଷକ ପୂରଣ କରିଥାନ୍ତି । ଏହା ଜରିଆରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଛାତ୍ରଛାତ୍ରୀଙ୍କ ମତାମତ ଲିପିବଦ୍ଧ କରାଯାଇଥାଏ । ଏହା ବ୍ୟକ୍ତିଗତ ବା ଦଳଗତ ଭାବରେ ବ୍ୟବହାର କରାଯାଇ ପାରେ ।

ଏହି ଉପକରଣ ବ୍ୟବହାର କରିବାର ଯଥେଷ୍ଟ ପୂର୍ବରୁ ପ୍ରଶ୍ନ ଓ ଉଦ୍ଦେଶ୍ୟ ଚିହ୍ନଟ ହେବା ଆବଶ୍ୟକ । ସେମାନଙ୍କ ଉତ୍ତର ଗୋପନୀୟ ରଖାଯିବ ଏବଂ ତାହାର ଦୁରୁପଯୋଗ କରାଯିବ ନାହିଁ ବୋଲି ପିଲାମାନଙ୍କୁ ପ୍ରତିଶ୍ରୁତି ଦିଆଯିବା ଉଚିତ । ପ୍ରଶ୍ନର ଭାଷା ଅତ୍ୟନ୍ତ ସ୍ପଷ୍ଟ ଓ ସରଳ ହୋଇଥିବା ଆବଶ୍ୟକ । ଅପମାନଜନକ, ଦ୍ୱନ୍ଦ୍ୱାତ୍ମକ ଏବଂ ଲଜ୍ଜାକର ପ୍ରଶ୍ନ କରାଯିବା ଅନୁଚିତ ।

### ୧୬.୩.୬ ଫଟୋଚିତ୍ର/ପୋର୍ଟଫଲିଓ (କୃତୀ ନମୁନା)

ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟର ସମାହାର ହେଲା ପୋର୍ଟଫଲିଓ । ଏହା ନିୟମିତ କାର୍ଯ୍ୟ ହୋଇପାରେ ଅଥବା ପିଲାମାନଙ୍କ ଦ୍ୱାରା କରାଯାଇଥିବା ଉତ୍କର୍ଷ କାର୍ଯ୍ୟ ହୋଇପାରେ । କେତେକ ଉତ୍ସବ, ପ୍ରଦର୍ଶନୀ ପାଇଁ ପ୍ରସ୍ତୁତ ଉତ୍ପାଦର ଫଟୋଚିତ୍ର/ପୋର୍ଟଫଲିଓ(କୃତୀ ନମୁନା)କୁ ସମୃଦ୍ଧ କରିଥାଏ । ଜଣେ ପିଲାର ଆନୁକ୍ରମିକ ବିକାଶ ସଂକ୍ରାନ୍ତରେ ଉପଲବ୍ଧ ପ୍ରାଥମିକ ରେକର୍ଡ଼ ପୋର୍ଟଫଲିଓ ଅଟେ । ଛାତ୍ରଛାତ୍ରୀଙ୍କ ବିକାଶର ନିର୍ଭୁଲ ପ୍ରମାଣ ବର୍ଷର ଯେକୌଣସି ଦୁଇଟି ମାସର କାର୍ଯ୍ୟକୁ ଅବଲୋକନ କଲେ ଜଣାଯାଇପାରେ । ଏହା ଦ୍ୱାରା ଛାତ୍ରମାନେ ନିଜର ପ୍ରଗତି ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ପାଇଥାନ୍ତି ।

ପୋର୍ଟଫଲିଓ ପ୍ରସ୍ତୁତି ସମୟରେ ତୁମକୁ ନିର୍ଦ୍ଦିଷ୍ଟ କେତେକ ବିନ୍ଦୁକୁ ଧ୍ୟାନରେ ରଖିବାକୁ ହେବ । ପୋର୍ଟଫଲିଓରେ କେତେକ ରେକର୍ଡ଼ ସାମିଲ କରିବା ପୂର୍ବରୁ ଏହାର ଉପଯୁକ୍ତତା ସମ୍ପର୍କରେ ଚିନ୍ତାକର । ପୋର୍ଟଫଲିଓର ସମସ୍ତ ପୃଷ୍ଠାରେ ବସ୍ତୁଗୁଡ଼ିକୁ ସ୍ଥାନିତ କରାଯିବା ଉଚିତ; ନଚେତ ଏହା ଅଦରକାରୀ ହୋଇଯିବ । ପୋର୍ଟଫଲିଓ ପାଇଁ ବସ୍ତୁ ସଂଗ୍ରହରେ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବା ଆବଶ୍ୟକ । ଏହାକୁ ଉପଯୁକ୍ତ କ୍ରମ ଓ ତାରିଖ ଅନୁସାରେ ସଜେଇବା ଉଚିତ; ଫଳରେ କୌଣସି ଏକ

ଟିପ୍ପଣୀ

ନିର୍ଦ୍ଦିଷ୍ଟ ସୂଚନା ତୁରନ୍ତ ଉପଲବ୍ଧ ହୋଇପାରିବ । ଯଦି ସମ୍ଭବ ହୁଏ ପ୍ରତ୍ୟେକ ପୃଷ୍ଠାରେ ସଂକ୍ଷିପ୍ତ ଟିପ୍ପଣୀ ଓ ତାରିଖ ଲିପିବଦ୍ଧ କର ।

**ନିଜ ଅଗ୍ରଗତି ଆକଳନ -୫**

୧-ପୋର୍ଟଫଲିଓ(କୃତୀ ନମୁନା) କହିଲେ କ'ଣ ବୁଝ ? ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାରେ ପୋର୍ଟଫୋଲିଓ କିପରି ଉପଯୋଗୀ ହୋଇଥାଏ ଲେଖ ?

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------------------

### ୧୬.୩.୭ ପ୍ରକଳ୍ପ କାର୍ଯ୍ୟ

ବିଶେଷ ଲକ୍ଷ୍ୟ ହାସଲ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ବା ଦଳଗତଭାବେ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ କରାଯାଏ । ପ୍ରକଳ୍ପ ଜରିଆରେ ତଥ୍ୟ ସଂଗ୍ରହ କରାଯାଏ ଏବଂ ସମୀକ୍ଷା କରାଯାଏ । ଗୋଟିଏ ବର୍ଷରେ ଏକାଧିକ ପ୍ରକଳ୍ପ ନିଆଯାଇଥାଏ ।

ପ୍ରକଳ୍ପଗୁଡ଼ିକ ଗବେଷଣା, ସଂଗ୍ରହ, ବିଶେଷଣ, ବର୍ଣ୍ଣନା ଏବଂ ସାମାନ୍ୟକରଣ କରିବାରେ ସୁଯୋଗ ପ୍ରଦାନ କରେ । ଏହା ଶ୍ରେଣୀକୁ ଜୀବନ ସହ ଯୋଡ଼ିବା ଏବଂ ପରସ୍ପରଠାରୁ ଶିକ୍ଷାଗ୍ରହଣ କରିବାର ସୁଯୋଗ ଦିଏ ।

ତୁମେ ତୁମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକଳ୍ପ ଚୟନ କରିବା ବେଳେ ତୁମକୁ କେତେକ ବିନ୍ଦୁ ମନରେ ରଖିବାକୁ ପଡ଼ିବ । ପ୍ରକଳ୍ପ ପିଲାମାନଙ୍କ ସ୍ତର ଅନୁସାରେ ହେବା ଉଚିତ ଏବଂ ଅଧିକ କଷ୍ଟସାଧ୍ୟ ବା ଅତ୍ୟନ୍ତ ସରଳ ହେବା ଅନୁଚିତ । ଦଳଗତ ପ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କର ଏବଂ ପ୍ରକଳ୍ପ ଚୟନରେ ଛାତ୍ରଛାତ୍ରୀଙ୍କୁ ସାମିଲ କରାଅ । ପ୍ରକଳ୍ପ ପାଇଁ ଆବଶ୍ୟକ ସାମଗ୍ରୀ ଆଖପାଖ ଅଂଚଳରେ ସହଜରେ ଉପଲବ୍ଧ ହେଉଥିବା ଉଚିତ ଏବଂ ପିଲାଙ୍କ ଉପରେ ଆର୍ଥିକ ବୋଝ ହେଉନଥିବା ଆବଶ୍ୟକ ।

ପ୍ରକଳ୍ପର ବ୍ୟବସ୍ଥିତଭାବେ ଲିପିବଦ୍ଧ କରାଯିବା ଉଚିତ । ସମ୍ଭବ ହେଲେ ବିଦ୍ୟାଳୟରେ ଏକ ସମ୍ବଳ କେନ୍ଦ୍ର ସ୍ଥାପନ କର; ଯେଉଁଠାରେ ଏହି ପ୍ରକଳ୍ପଗୁଡ଼ିକ ସଂଗୃହୀତ ହୋଇପାରିବ ।

**ନିଜ ଅଗ୍ରଗତି ଆକଳନ -୬**

୧-ତୁମ ବିଦ୍ୟାଳୟର ସ୍ଥିତି ଓ ପିଲାମାନଙ୍କ ମନୋଭାବକୁ ଦୃଷ୍ଟିରେ ରଖି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର କର୍ମ ଶିକ୍ଷା ନିମନ୍ତେ ଦୁଇଟି ଲେଖାଏଁ ପ୍ରକଳ୍ପର ତାଲିକା ପ୍ରସ୍ତୁତ କର । ଏହା ସହିତ କେଉଁ କେଉଁ ମାସରେ ସେଗୁଡ଼ିକ ସମ୍ପାଦନ କରାଯିବ ଏବଂ ସେଗୁଡ଼ିକର ଉଦ୍ଦେଶ୍ୟ କ'ଣ ଲେଖ ?

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------------------

### ୧୬.୪. ମୂଲ୍ୟାୟନରେ ସହପାଠୀଙ୍କ ଭୂମିକା

ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଶିଶୁର ସର୍ବାଙ୍ଗୀନ ପ୍ରଗତିକୁ ବୁଝାଇଥାଏ । ଏହି ଯେଉଁପରି ଭାବରେ ବିଭିନ୍ନ ଉପକରଣ ଓ କୌଶଳ ବ୍ୟବହାରକୁ ଗୁରୁତ୍ୱ ଦେଇଥାଏ ସେହିପରି ଭାବରେ ଭିନ୍ନଭିନ୍ନ ମୂଲ୍ୟାୟନକାରୀଙ୍କୁ ଗୁରୁତ୍ୱ ଦିଏ । ଏହାର ଅର୍ଥ, ଶିକ୍ଷକମାନଙ୍କ ସମେତ ଅନ୍ୟମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ମୂଲ୍ୟ ନିରୂପଣ ଓ ମୂଲ୍ୟାୟନ ପ୍ରକ୍ରିୟା ସହିତ ପରିଚିତ କରାଇବା ଏବଂ ମତାମତ ପ୍ରଦାନ କରିବା ଆଶା କରାଯାଏ ।

ଏଠାରେ ଅନ୍ୟ ଲୋକମାନଙ୍କ ମଧ୍ୟରେ ସହପାଠୀଙ୍କ ଭୂମିକାକୁ ଅଣଦେଖା କରାଯାଇ ନପାରେ । ଏହି ଏକକରେ ସହକର୍ମୀ

ଟିପ୍ପଣୀ

ମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରାଯାଇ ସାରିଛି ।

ସାଧାରଣଭାବେ ତୁମେ ନିଶ୍ଚିତ ଦେଖିଥିବ ଶିକ୍ଷଣ ପ୍ରକ୍ରିୟା ସମୟରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସହପାଠୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସଂକ୍ରାନ୍ତରେ ବିଭିନ୍ନ ପ୍ରକାର ପ୍ରଶ୍ନ କରିଥାନ୍ତି ।

- ସୁରଭି, ଦୟାକରି ମୋତେ କୁହ, ମୁଁ ଠିକ୍‌ଭାବେ ରଙ୍ଗ ମଡ଼ାଇଛି ନା ନାହିଁ? ମୁଁ ଅନ୍ୟ କୌଣସି ରଙ୍ଗ ବ୍ୟବହାର କଲେ ଏହା ଅଧିକ ଆକର୍ଷଣୀୟ ହୋଇପାରିବ କି?

-ସେମାନଙ୍କ କଣ୍ଢେଇର କାନ ଠିକ୍ ସ୍ଥାନରେ ଲଗାଯାଇଛି ନା ନାହିଁ ଦୟା କରି ମୋତେ କୁହ? କାନ ତିଆରି ପାଇଁ କାର୍ଡ଼ ବୋର୍ଡ଼ ବଦଳରେ କପଡ଼ା ପଟି ବ୍ୟବହାର କରିବା ଉଚିତ କି?

-ମନୁ, ଟିକେ ଦେଖ । ମୁଁ ମାଟିକୁ ଗୁଣ୍ଡରେ ପରିଣତ କରିବାକୁ ଯଥାସାଧ୍ୟ ଉଦ୍ୟମ କରିଛି । ମୁଁ ଆଉ ଅଧିକ ଧୂଳିଆ କରିବା ଆବଶ୍ୟକ କି?

ତୁମେ ଏହି ପ୍ରକାର ପ୍ରଶ୍ନ ଲକ୍ଷ୍ୟ କରିଥିବ । ଏଠାରେ ଛାତ୍ରଛାତ୍ରୀମାନେ ଭଲ ପଢୁଥିବା ସେମାନଙ୍କ ସହପାଠୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥାନ୍ତି । ଶ୍ରେଣୀରେ ଏପରି ଅନେକ ଉଦାହରଣ ରହିଛି, ଯେଉଁଠାରେ ଛାତ୍ରଛାତ୍ରୀ ସେମାନଙ୍କ ସହପାଠୀଙ୍କ କାର୍ଯ୍ୟ ବିଷୟରେ ଟିପ୍ପଣୀ ଦେଇଥାନ୍ତି । ଉଦାହରଣ ସ୍ୱରୂପ:-

-ସିଦ୍ଧାର୍ଥ, ତୁମେ ଏକ ସୁନ୍ଦର ମୁଖା ତିଆରି କରିଛ, ମାତ୍ର ଏହା ଦୀର୍ଘସ୍ଥାୟୀ ହେବନାହିଁ । ଯଦି ତୁମେ ଚାର୍ଟ କାଗଜ ପରିବର୍ତ୍ତେ କାର୍ଟରେଟ୍ ବ୍ୟବହାର କରିଥାନ୍ତ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରିଥାନ୍ତା ।

-ବାନ୍ଧକଳାରେ ନିର୍ମିତ ଏହି ଦୁପଟ୍ଟା (ଓଢ଼ଣୀ) ବହୁତ ରୁଚିକର ହୋଇଛି । ମାତ୍ର ତୁମେ ଏଥିରେ ବଡ଼ବଡ଼ ଗଣ୍ଠି କାହିଁକି ପକାଇଲ, ଏହା ଓଢ଼ଣୀରେ ଅନେକ ଶୂନ୍ୟସ୍ଥାନ ଦର୍ଶାଉଛି ।

-ତୁମେ ଛାଞ୍ଚରେ କାହିଁକି ସିଧାସଳଖ ମହମ ଢାଳିଲ? କିଛି ଶୋରିଷ ତେଲ ଗିନାରେ ଢାଳ ଏବଂ ପୂରା ଛାଞ୍ଚରେ ତେଲ ଘସିଦିଅ; ଯାହା ଫଳରେ ମହମବତୀ ବାହାର କରିବାରେ କୌଣସି ଅସୁବିଧା ହେବ ନାହିଁ ।

ଉପରଲିଖିତ ଟିପ୍ପଣୀ ଆଧାରରେ ତୁମେ କ'ଣ ଆଶା କରୁଛ? ତୁମେ ଠିକ୍ ଅନୁମାନ କରୁଛ । ଏଠାରେ ସହପାଠୀମାନେ ପରସ୍ପରକୁ ଅନୌପଚାରିକଭାବେ ମୂଲ୍ୟାୟନ କରୁଛନ୍ତି ଏବଂ କାର୍ଯ୍ୟକୁ ଉତ୍ତମ କରିବା ପାଇଁ ମତାମତ ଓ ପରାମର୍ଶ ମଧ୍ୟ ପ୍ରଦାନ କରୁଛନ୍ତି । ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାରେ ଛାତ୍ରଛାତ୍ରୀଙ୍କ ଏହି ମତାମତ ପ୍ରଦାନ ଧାରାର କିଛି ସୁବିଧା ଉଠାଅ । ଏହା କରିବା ସମୟରେ ତୁମକୁ ନିମ୍ନ ଲିଖିତ ବିନ୍ଦୁଗୁଡ଼ିକୁ ମନରେ ରଖିବାକୁ ପଡ଼ିବ ।

୧- ସହପାଠୀ ସମୂହର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଏକ ଉପଯୁକ୍ତ ପ୍ରକଳ୍ପ ପ୍ରସ୍ତୁତ କର:

-କେଉଁ ପ୍ରକାର କାର୍ଯ୍ୟଗୁଡିକରେ ଅଗ୍ରଣୀ ସହପାଠୀଙ୍କ ଟିପ୍ପଣୀ/ମତାମତ ସଂଗ୍ରହ କରାଯିବା ଉଚିତ

-ସେମାନଙ୍କ ଟିପ୍ପଣୀ କେତେ ଭରସାଯୋଗ୍ୟ

-କେଉଁ ସହପାଠୀ କାହା ଉପରେ ଉତ୍ତମ ତଥା ବିଶ୍ୱାସ ଯୋଗ୍ୟ ଟିପ୍ପଣୀ କରିପାରିବ

୨- ସହପାଠୀଙ୍କ ପ୍ରଦତ୍ତ ଟିପ୍ପଣୀକୁ ତୁମ ଟିପ୍ପଣୀ ବ୍ୟତିରେକ ଲିପିବଦ୍ଧ କର ।

୩-ତୁମେ ଯଦି ଅନୁଭବ କରୁଥିବ ଯେ ସହପାଠୀ ସମୂହର ଟିପ୍ପଣୀରେ କିଛି ବିବାଦ ରହିଛି, ତେବେ ସେମାନଙ୍କ ମତାମତ ସାମିଲ କରିବା ପୂର୍ବରୁ ଚିନ୍ତା କର । ବୋଧହୁଏ, ସେହି ସହପାଠୀ ସମୂହ ବିଭ୍ରାନ୍ତିକର ମତାମତ ଦେଇପାରନ୍ତି ।

## ୧୬.୫. ଆକଳନରେ ପିତାମାତାଙ୍କ ଭୂମିକା

ପାଠ୍ୟକ୍ରମରେ ଅନେକ କାର୍ଯ୍ୟ ଓ ଖେଳ ରହିଛି ଯାହାକୁ ପିତାମାତାଙ୍କ ଜରିଆରେ ସମ୍ପାଦନ କରାଯାଇ ପାରିବ । ସମସ୍ତେ ନହେଲେ ବି କେତକଙ୍କ ପିତାମାତା ଭାଷା, ସାମାଜିକ କଳା ଇତ୍ୟାଦିରେ ସେମାନଙ୍କ ଯୋଗଦାନ ଦେବାକୁ ସକ୍ଷମ

ଟିପ୍ପଣୀ

ହୋଇଥାନ୍ତି ଏବଂ ଏହା କରିବାରେ ଗର୍ବ ଅନୁଭବ କରିଥାନ୍ତି । ଏଥି ପାଇଁ ପିତାମାତା ଶିକ୍ଷିତ ହୋଇଥିବା ଜରୁରୀ ନୁହେଁ । ନିରକ୍ଷର ପିତାମାତା ମଧ୍ୟ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ସହଯୋଗ କରିପାରନ୍ତି ।

ଏହିପରି, ଗାଁର ରାଜମିସ୍ତ୍ରୀ, ବଢ଼େଇ, କୁମ୍ଭାର ଏବଂ ଅନ୍ୟ ଶିଳ୍ପୀକାରମାନେ ଛାତ୍ରଛାତ୍ରୀଙ୍କୁ ସହାୟତା କରନ୍ତି ଓ କେତେକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ତଥା ସୁନ୍ଦର ଉତ୍ପାଦ ପ୍ରସ୍ତୁତିରେ ଆନନ୍ଦ ପାଇଥାନ୍ତି । ମାଟି ଖେଳଣା ନିର୍ମାଣ, ସ୍ଥାନୀୟ ପରିବେଷ୍ଟନୀ ସଂକ୍ରାନ୍ତ ସୂଚନା ପ୍ରଦାନରେ ଗାଁର ବୟସ୍କ ଲୋକଙ୍କଠାରୁ କିଏ ବା ବଡ଼ ଉତ୍ସ ହୋଇପାରିବ ?

-ତୁମେ ପିଲାମାନଙ୍କୁ ପରିଭ୍ରମଣରେ ନେବାକୁ ଚାହୁଁଛ ଏବଂ ତୁମେ କିଛି ଅସୁବିଧା ରହିଥିବା ଅନୁଭବ କରୁଛ । ତୁମେ ଏହି ପରିଭ୍ରମଣ ବାତିଲ କରିବ ନା କିଛି ପିତାମାତାଙ୍କ ସହଯୋଗ ଲୋଡ଼ିବ ?

-ସ୍ଥାନୀୟ ପରିବେଷ୍ଟନୀରେ ଅନେକ ଗଛଲତା ରହିଛି; ଯାହା ସହିତ ତୁମେ ପରିଚିତ ନୁହଁ । ମନେକରାଯାଉ ଅନ୍ୟ ଶିକ୍ଷକମାନେ ମଧ୍ୟ ସେଗୁଡ଼ିକୁ ଚିହ୍ନି ପାରୁନାହାନ୍ତି । ପିଲାମାନଙ୍କ ପିତାମାତାଙ୍କ ନିକଟରୁ ସୂଚନା ପାଇବାରେ ତୁମେ କୁଣ୍ଠିତ ହେବା ଅନୁଚିତ ।

-ଜଣେ ନିର୍ଦ୍ଦିଷ୍ଟ ପିଲାର ପିତାମାତା/ଭାଇଭଉଣୀ କିମ୍ବା ଅନ୍ୟ କେହି ସମ୍ପର୍କୀୟ ସରଳ ଯୋଗ କ୍ରିୟାକଳାପରେ ପାରଦର୍ଶୀ ଥିବା ତୁମେ କୌଣସି ଉପାୟରେ ଜାଣିବାକୁ ପାଇଲ । ତୁମେ ସେମାନଙ୍କ ସାହାଯ୍ୟ ନେଇ ପାରିବ ।

-ମେଳା-ମହୋତ୍ସବ ଇତ୍ୟାଦି ଆୟୋଜନ କରିବାରେ ପିତାମାତାଙ୍କ ଭୂମିକାର କୌଣସି ସୀମା ସରହଦ ନାହିଁ । ସାମାଜିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ତୁମେ ସେମାନଙ୍କ ଭୂମିକା, ବିଷୟ ଓ ସୀମା ନିର୍ଦ୍ଧାରଣ କରିପାରିବ ।

**ନିଜ ଅଗ୍ରଗତି ଆକଳନ -୭**

୧- କର୍ମ ଶିକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମରେ ସହକର୍ମୀ ସମୂହର ଭୂମିକା ବିଷୟରେ ତୁମ ଭାବନା ଲେଖ ।

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------------------------------

୨- 'ମୂଲ୍ୟନିର୍ଦ୍ଧାରଣକାରୀ ଭୂମିକା ପାଇଁ ନିରକ୍ଷର ପିତାମାତାଙ୍କ ଅବଦାନ ନଥାଏ" । ଏହି ଉକ୍ତି ସହ ତୁମେ କେତେ ସହମତ ବା ଅସହମତ ସକାରଣ ଲେଖ ।

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------------------------------

## ୧୬.୬. ପିତାମାତା ଓ ଛାତ୍ରଛାତ୍ରୀଙ୍କୁ ପ୍ରଗତି ପତ୍ର କିପରି ପ୍ରଦାନ କରାଯିବ

ପିଲାମାନଙ୍କୁ ଓ ସେମାନଙ୍କ ପିତାମାତାଙ୍କୁ ଛାତ୍ରଛାତ୍ରୀଙ୍କ ପ୍ରଗତି ସଂକ୍ରାନ୍ତରେ ଅବଗତ କରାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତୁମେ ଯଦି ଆକଳନ ଉଦ୍ଦେଶ୍ୟଗୁଡ଼ିକୁ ମନେରଖିଥିବ ତୁମେ ବୁଝିପାରିବ ଯେ ଛାତ୍ରଛାତ୍ରୀ ଓ ପିତାମାତାଙ୍କୁ ଯେତେ ପର୍ଯ୍ୟନ୍ତ ପ୍ରଗତି ପତ୍ର ନଜଣାଇଛ ସେପର୍ଯ୍ୟନ୍ତ ଆକଳନ ଉଦ୍ଦେଶ୍ୟ ପୂରଣ ହେବନାହିଁ ।

ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କୁ ସେମାନଙ୍କ ପ୍ରଗତି ପତ୍ର ସଂକ୍ରାନ୍ତରେ ସୂଚୀତ କରାଇବାର କିଛି କାରଣ ନିମ୍ନରେ ପ୍ରଦାନ କରାଗଲା:-

-ପିତାମାତାଙ୍କୁ ପିଲାର ବ୍ୟକ୍ତିଗତ ଓ ସ୍ୱତନ୍ତ୍ର ସଫଳତା, ଆବଶ୍ୟକତା ଓ ଆଚରଣ ଇତ୍ୟାଦି ସମ୍ପର୍କରେ ଅବଗତ କରାଇବା ।

-ଶିକ୍ଷଣ ସ୍ଥିତିର ଉପଯୁକ୍ତ ପରିସ୍ଥିତି ବିଷୟରେ ଯୋଜନା କରିବା ।

-ପିତାମାତାଙ୍କୁ ସେମାନଙ୍କ ପିଲାର ଆଗ୍ରହ, ଦକ୍ଷତା ଓ ମନୋଭାବ ଜାଣିବାରେ ସାହାଯ୍ୟ କରିବା

-ସ୍ୱମୂଲ୍ୟାୟନ ନିମନ୍ତେ ପିତାମାତା ଓ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା

-ମୂଲ୍ୟ ନିରୂପଣ ପ୍ରକ୍ରିୟା ପ୍ରତି ଭୟକୁ ହ୍ରାସ କରିବା ଏବଂ ଏହାକୁ ଶିଶୁ ପ୍ରିୟ କରିବା ।

## ୧୬.୬.୧ ଯୋଗାଯୋଗ ପଦ୍ଧତି

ପୂର୍ବରୁ ବିଦ୍ୟାଳୟରୁ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ବିଷୟରେ ପ୍ରଦାନ କରାଯାଉଥିବା ସୂଚନାକୁ ଆମେ ସାଧାରଣତଃ କ'ଣ କହୁଥିଲୁ ? ହଁ ତୁମେ ଠିକ୍ ଅନୁମାନ କରିଛ । ଏହାକୁ ରିପୋର୍ଟ କାର୍ଡ଼ (ପ୍ରଗତିପତ୍ର) ବା ପ୍ରଗତି ପ୍ରତିଫଳନ କୁହାଯାଉଥିଲା । ବର୍ଷକୁ ଅନୁଷ୍ଠିତ ହେଉଥିବା ତିନିଟି ପରୀକ୍ଷାରେ ଜଣେ ପିଲା କେତେ ନମ୍ବର ରଖୁଥିଲା ପ୍ରଗତି ପତ୍ରରେ ତାହାର ହିସାବ ରହୁଥିଲା । ବେଳେବେଳେ, ପିଲାମାନଙ୍କ ଉପସ୍ଥାନ, ସେମାନଙ୍କ ବ୍ୟବହାର, ପରିଚ୍ଛନ୍ନତା ଇତ୍ୟାଦି ସଂକ୍ରାନ୍ତରେ ଟିପ୍ପଣୀ ମଧ୍ୟ ପ୍ରଦାନ କରାଯାଉଥିଲା । ମାତ୍ର ତାହା ପର୍ଯ୍ୟାପ୍ତ ଥିଲା କି ?

ଯେହେତୁ ନିରନ୍ତର ଓ ସାମଗ୍ରିକ ମୂଲ୍ୟନିର୍ଦ୍ଧାରଣ ଏକ ନିରନ୍ତର ପ୍ରକ୍ରିୟା ତେଣୁ ପିତାମାତାଙ୍କୁ ଏହା ଅବଗତ କରାଇବା ନିମନ୍ତେ ଭିନ୍ନଭିନ୍ନ ପ୍ରକାରର ପଦ୍ଧତି ରହିଛି । ସାଧାରଣତଃ, ସେମାନଙ୍କ ପିଲାମାନେ  ବିଦ୍ୟାଳୟରେ କ'ଣ କରୁଛନ୍ତି ଏବଂ ସେମାନେ କ'ଣ ଶିକ୍ଷା କରୁଛନ୍ତି ଜାଣିବାକୁ ପିତାମାତାମାନେ ଅତ୍ୟନ୍ତ ଆଗ୍ରହୀ ଥାଆନ୍ତି । ଅନ୍ୟ ପିଲାମାନେ କିପରି ଭାବରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରୁଛନ୍ତି ? ଅନ୍ୟ ପିଲାଙ୍କ ପ୍ରଗତି ସେମାନଙ୍କ ପିଲାର ପ୍ରଗତିଠାରୁ କିପରି ଭିନ୍ନ ଇତ୍ୟାଦି । ସାଧାରଣ ଭାବରେ ଶିକ୍ଷକ 'ଉତ୍ତମ', 'ଅତି ଉତ୍ତମ' ଏବଂ 'କଠିନ ପରିଶ୍ରମ ଆବଶ୍ୟକ' ଇତ୍ୟାଦି ଟିପ୍ପଣୀ ଲେଖିଥାନ୍ତି । ଏହା ପର୍ଯ୍ୟାପ୍ତ ବୋଲି ତୁମେ ଭାବୁଛ କି ?

ପିତାମାତାଙ୍କୁ ଯଥାସମ୍ଭବ ସ୍ପଷ୍ଟ ଭାଷା, ବୋଧଗମ୍ୟ ଶବ୍ଦ/ଉକ୍ତି ଜରିଆରେ ସୂଚନା ପ୍ରଦାନ କର ।

-ପିଲାଟି କ'ଣ କରିପାରିବ ? ସେ କ'ଣ କରିବାକୁ ଚାହୁଁଛି ? ଏହା ସମ୍ପାଦନ କରିବାରେ କୌଣସି ଅସୁବିଧା ରହିଛି କି ?

-ପିଲାଟି କିପରି ଶିକ୍ଷାକଲା ?

-ସେମାନଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟର ନମୁନା ଦେଖାଅ ।

-ସହଯୋଗ, ଦାୟିତ୍ୱ, ଆରମ୍ଭ, ସମ୍ବେଦନଶୀଳତା ଏବଂ ଆଗ୍ରହ ବିଷୟରେ ଆଲୋଚନା କର ।

-ପିତାମାତାମାନେ ସେମାନଙ୍କ ପିଲାଙ୍କୁ କେଉଁ ଉପାୟରେ ସାହାଯ୍ୟ କରିପାରିବେ ପ୍ରସ୍ତାବ ଦିଅ ।

-ଘରେ , କାର୍ଯ୍ୟ ସମୟରେ ପିଲାର ଜୀବନ ଶୈଳୀ ବିଷୟରେ ଏବଂ ଘରେ ସେମାନଙ୍କ ଆଚରଣ ଇତ୍ୟାଦି ବିଷୟରେ ପିତାମାତାଙ୍କୁ ପ୍ରଶ୍ନ କରନ୍ତୁ ।

## ୧୬.୬.୨ ଯୋଗାଯୋଗ ପ୍ରସଙ୍ଗ (ବିନ୍ଦୁ)

ନିମ୍ନଲିଖିତ ପ୍ରସଙ୍ଗରେ ପିତାମାତାଙ୍କ ନିକଟକୁ ଯୋଗାଯୋଗ ପ୍ରେରଣ କର:-

ବିଦ୍ୟାର୍ଥୀଙ୍କ ନାମ:-

ଅନୁଭାଗ:-

କାର୍ଯ୍ୟର ନାମ:-

-ସମୟ ବିନିଯୋଗ (ବିଦ୍ୟାର୍ଥୀଙ୍କ ଦ୍ୱାରା)

-ବ୍ୟବହୃତ ଉପକରଣର ଉପଯୋଗିତା

-ବ୍ୟବହୃତ ସାମଗ୍ରୀର ଉପଯୋଗିତା

ଟିପ୍ପଣୀ

-ବ୍ୟବହୃତ ପଦ୍ଧତି ବା କୌଶଳ

-ସୃଷ୍ଟ ସାମଗ୍ରୀର ଆବଶ୍ୟକତା

-ମୌଳିକ ବୈଜ୍ଞାନିକ ନିୟମ

-ଦଳରେ ସହଯୋଗ

-କାର୍ଯ୍ୟ ନିମିତ୍ତ ପ୍ରସ୍ତୁତି

-ନିରାପଦରେ କାର୍ଯ୍ୟ କରିବାର ଶୈଳୀ

-କାର୍ଯ୍ୟସ୍ଥଳୀର ସାଜସଜ୍ଜା

-ଉତ୍ପାଦ ଉପସ୍ଥାପନା

ଯଦି କାର୍ଯ୍ୟ ଉତ୍ପାଦ ଉତ୍ପନ୍ନ ପରିବର୍ତ୍ତେ ସେବା ପ୍ରଦାନ ଆଧାରିତ ହୋଇଥିବ ତେବେ ମୂଲ୍ୟବୋଧ ଓ ମନୋଭାବ ସମ୍ବନ୍ଧିତ ବିନ୍ଦୁଗୁଡ଼ିକ ଉପରେ ଧ୍ୟାନ ଦିଅ ।

## ୧୬.୭ ସାରାଂଶ

ମୂଲ୍ୟାୟନ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ପ୍ରକ୍ରିୟା ପୂରା ପାଠ୍ୟକ୍ରମରେ ନିରନ୍ତର ହେବା ଆବଶ୍ୟକ । ପାରମ୍ପରିକ ମୂଲ୍ୟାୟନ ପ୍ରକ୍ରିୟାରେ ନିରନ୍ତରତା ଓ ସାମଗ୍ରିକତାକୁ ଅଣଦେଖା କରାଯାଉଥିଲା କି ? ତୁମର ଅଭିଜ୍ଞତା ନିଶ୍ଚୟ ଥିବ ଯେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ପରଖିବା ପାଇଁ ସର୍ବାଧିକ ସଂଖ୍ୟକ ପରୀକ୍ଷା ଆୟୋଜନ କରାଯାଉଥିଲା । ମାତ୍ର ଲିଖିତ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ସମୟ ଅନୁସାରେ ମୂଲ୍ୟାୟନ ସ୍ୱରୂପ ପରିବର୍ତ୍ତିତ ହୋଇଛି । ସମ୍ପ୍ରତି ଏହା ଏକ ନିରନ୍ତର ପ୍ରକ୍ରିୟା ଭାବରେ ଗୃହୀତ ହୋଇଛି ଏବଂ ବୃଦ୍ଧି ଓ ମୂଲ୍ୟ ନିର୍ଦ୍ଧାରଣ ସହ ଜଡ଼ିତ ସମସ୍ତ ଦିଗକୁ ପ୍ରାଧାନ୍ୟ ଦିଆଯାଉଛି । ପାଠ୍ୟକ୍ରମ ସାଙ୍ଗକୁ ସହପାଠ୍ୟକ୍ରମକୁ ମଧ୍ୟ ଗୁରୁତ୍ୱପ୍ରଦାନ କରାଯାଉଛି । ଆଉ ଏକ ମହତ୍ୱପୂର୍ଣ୍ଣ କଥା ଉଲ୍ଲେଖ କରାଯାଇପାରେ ଯେ ମୂଲ୍ୟାୟନର ମାଧ୍ୟମ ଭାବରେ ଗୋଟିଏ କୌଶଳ ପରିବର୍ତ୍ତେ ଅନେକ କୌଶଳ ବ୍ୟବହୃତ ହେଉଛି । ଉଦାହରଣ ସ୍ୱରୂପ, ଗୋଟିଏ ପଟରେ ପର୍ଯ୍ୟବେକ୍ଷଣ ଆକଳନର ଆଧାର ହୋଇଥିଲାବେଳେ ଅନ୍ୟ ପଟରେ ତାଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ସଂକ୍ରାନ୍ତ ପ୍ରଶ୍ନ, ପ୍ରକଳ୍ପ ଓ ପୋର୍ଟଫଲିଓରେ ତାଙ୍କ ସମ୍ପୃକ୍ତି ଇତ୍ୟାଦିର ପ୍ରଶ୍ନ ଜରିଆରେ ତାଙ୍କ ସଫଳତାର ସ୍ତର ଉପସ୍ଥାପନ କରାଯାଉଛି । ଏହି ଏକକ ଜରିଆରେ ତୁମେ ମୂଲ୍ୟାୟନର ସାମ୍ପ୍ରତିକ ସ୍ୱରୂପ ବିଷୟରେ ବୁଝିପାରିଲ । ତୁମେ ଜାଣିଲ ଯେ ଆକଳନ ଓ ମୂଲ୍ୟାୟନ ସମାନ ଅର୍ଥବୋଧକ ଶବ୍ଦ ନୁହେଁ, ବରଂ ପରସ୍ପରର ପରିପୂରକ ଅଟନ୍ତି । ବ୍ୟାପକ ମୂଲ୍ୟାୟନ ନିମନ୍ତେ ଆମକୁ ନିରନ୍ତର ଭାବରେ ଆକଳନ ପ୍ରକ୍ରିୟାରେ ଜଡ଼ିତ ରହିବାକୁ ହେବ । ତୁମେ ଅନୁଭବ କଲ ଯେ ମୂଲ୍ୟାୟନ ପ୍ରକ୍ରିୟାରେ ସହପାଠୀ, ଦଳ, ପିତାମାତା ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷକଙ୍କ ସହିତ ଭାଗିଦାର ଭାବରେ ସାମିଲ କରିବାକୁ ପଡ଼ିବ । ଶେଷରେ ତୁମେ ବୁଝିପାରିଲ ଯେ ଆକଳନ ଓ ମୂଲ୍ୟାୟନ ପ୍ରକ୍ରିୟା ପର୍ଯ୍ୟାପ୍ତ ନୁହେଁ, ଯେତେ ପର୍ଯ୍ୟନ୍ତ ପିଲାର ପ୍ରଗତି ସଂକ୍ରାନ୍ତରେ ପିତାମାତାଙ୍କୁ ସମୟକୁ ସମୟ ଅବଗତ କରାନଯାଇଛି ।

## ୧୬.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

1. National Curriculum Frame work 2005, National Council of Educational Research and Training, New Delhi.
2. Creation (Srijan) (2009) Sharda Kumari, District Institute of Education and Training (DIET) Keshav Puram, Delhi.
3. Source Book on Assessment for Class I-V (2000) NCERT, New Delhi.
4. Reflections on School Education Vol.I issue I SCERT, New Delhi.

## ୧୬.୯. ପାଠାନ୍ତ ପ୍ରଶ୍ନାବଳୀ

୧. ମୂଲ୍ୟାୟନର ସଂଜ୍ଞା ଲେଖ ଏବଂ ମୂଲ୍ୟାୟନ ଓ ଆକଳନ (ପରିମାପ) ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

୨. ତୁମ ଅଭିଜ୍ଞତା ଆଧାରରେ ମୂଲ୍ୟାୟନ ଓ ଆକଳନର ସାମ୍ପ୍ରତିକ ପ୍ରକାର ସହ ପାରମ୍ପରିକ ରୂପକୁ ତୁଳନା କର । ପାର୍ଥକ୍ୟ ଦର୍ଶାଇବାକୁ ଅତି କମ୍‌ରେ ୬ଟି କାରଣ ଲେଖ ।

୩. ଶିକ୍ଷକଙ୍କ ବ୍ୟତୀତ ଅନ୍ୟ କେଉଁମାନେ ମୂଲ୍ୟାୟନ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି ଏବଂ କାହିଁକି ?

୪. ଦଳଗତ ମୂଲ୍ୟାୟନ କହିଲେ ତୁମେ କ'ଣ ବୁଝ ? କର୍ମ ଶିକ୍ଷାରେ ଏହାର ବ୍ୟବହାର ସଂକ୍ରାନ୍ତରେ ଯେକୌଣସି ପାଞ୍ଚଟି ଦିଗ ଲେଖ ।

୫. ତୁମ ଛାତ୍ରଛାତ୍ରୀ ପୁରୁଣା/ବ୍ୟବହୃତ ଖବରକାଗଜ ବ୍ୟବହାର କରି ଖୋଳ ତିଆରି କରୁଛନ୍ତି । ସେମାନଙ୍କ ମୂଲ୍ୟାୟନ ପାଇଁ ତୁମେ କେଉଁ ପଦ୍ଧତି ଓ କାହିଁକି ଆପଣାଇବ ?

୬. ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସର ସଜାଇବାରେ ବ୍ୟସ୍ତ ଅଛନ୍ତି । ତୁମେ ସେମାନଙ୍କୁ ପର୍ଯ୍ୟବେକ୍ଷଣ କରୁଛ । ମୂଲ୍ୟାୟନ ପାଇଁ ତୁମେ କେଉଁ ଦିଗଗୁଡ଼ିକ ଉପରେ ଧ୍ୟାନ ଦେବ ?

ଟିପ୍ପଣୀ